# ଖେଳ ଓ ରାଜନୀତି

୨୮/୦୮/୧୯୮୮

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଞ୍ଜନ ପଟ୍ଟନାୟକ

ଓଡ଼ିଶା ଅଲିମ୍ପିକ୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଆସନ୍ତାକାଲି ହାଇକୋର୍ଟରେ ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହେବାକୁ ଯାଉଛି। ଏହା ବୋଧହୁଏ ଆମ ଓଡ଼ିଶା ଗଣତାନ୍ତ୍ରିକ ଜାତୀୟ ଜୀବନରେ ଆଉ ଏକ କଳଙ୍କିତ ଅଧ୍ୟାୟ ହୋଇ ରହିବ। କାରଣ ଏହାଦ୍ୱାରା ଆମେ ପ୍ରମାଣିତ କରିଦେଲୁ ଯେ, ଆମେ ଆମ ନିଜ ବ୍ୟବସ୍ଥାକୁ ନିଜେ ସମ୍ଭାଳି ପାରିଲୁ ନାହିଁ। ନିକଟ ଅତୀତରେ ଆମକୁ ଭୋଟ ଗଣତି କାର୍ଯ୍ୟ ପାଇଁ ହାଇକୋର୍ଟର ଆଶ୍ରୟ ନେବାକୁ ପଡ଼ିଥିଲା। ଏବେ ଭୋଟ ଗ୍ରହଣ ମଧ୍ୟ ହାଇକୋର୍ଟ ତତ୍ତ୍ୱାବଧାନରେ ହେବାକୁ ବସିଲାଣି। ସାଧାରଣ ଜନତାକୁ ଠିକ ସମୟରେ ନ୍ୟାୟ ଦେବା ଦିଗରେ ନ୍ୟାୟାଳୟଗୁଡ଼ିକ ଯେପରି ଅଯଥା ଭାରାକ୍ରାନ୍ତ ନ ହୁଅନ୍ତି ସେ ବିଷୟରେ ଆଲୋଚନା ହେଉଥିବା ବେଳେ ହାଇକୋର୍ଟ ପାଇଁ ଏପରି ଏକ ଅବାଂଛିତ ନୂଆ ଦାୟିତ୍ୱ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଦୃଷ୍ଟିରୁ ଆଦୌ ସ୍ପୃହଣୀୟ ହେଉନାହିଁ। ତେବେ ଏଥିପାଇଁ ଦାୟୀ କିଏ ?

ଆଜି ଅଲିମ୍ପିକ୍ ଆସୋସିଏସନ୍ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଓଡ଼ିଶାର କ୍ରୀଡା ସଙ୍ଗଠନ ଏବଂ ସମ୍ଭାବନା ସମ୍ପର୍କରେ ଚିନ୍ତା କଲାବେଳେ ଆମକୁ ଅନେକଗୁଡ଼ିଏ ମୌଳିକ ପ୍ରଶ୍ନ ଆନ୍ଦୋଳିତ କରୁଛି। ଖେଳ ଏବଂ ରାଜନୀତି ମଧ୍ୟରେ ସାମ୍ପ୍ରତିକ ଗଣତାନ୍ତ୍ରିକ ବ୍ୟବସ୍ଥାରେ କି ପ୍ରକାର ସମ୍ପର୍କ ରହିବା ଉଚିତ ? ଖେଳ ଓ ରାଜନୀତି ମଧ୍ୟରେ ମୁଖ୍ୟ କିଏ ଓ ଗୌଣ କିଏ ? ଖେଳ ସଙ୍ଗଠନମାନଙ୍କର ସ୍ୱରୂପ ଓ ସ୍ୱଭାବ କେଉଁ ଆଦର୍ଶରେ ପର୍ଯ୍ୟବସିତ ହେବା ଉଚିତ ଏବଂ ଖେଳ ସଙ୍ଗଠନରେ ବ୍ୟକ୍ତି ବଡ଼ ନା 'ସମୂହ' ବଡ଼ ? ଆଜି ନୁହେଁ ସଭ୍ୟତାର ଆଦି ଉନ୍ମେଷ କାଳରୁ ଖେଳ ଓ ରାଜନୀତି ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହି ଆସିଛି। ତାର କାରଣ ହେଲା ଖେଳ ଓ ରାଜନୀତି ଉଭୟ ସାମୂହିକ କାର୍ଯ୍ୟକ୍ରମ ଏବଂ ଏହି ସମୂହର ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଉଭୟ ଖେଳ ଓ ରାଜନୀତିର ମୌଳିକ ଆଦର୍ଶ। ବ୍ୟକ୍ତିଗତ ସ୍ୱାର୍ଥ ବା ପ୍ରତିଷ୍ଠା କେବେହେଲେ ମୁଖ୍ୟ ପ୍ରଶ୍ନ ନ ଥିଲା। ହାର–ଜିତ ନିର୍ବିଶେଷରେ ଖେଳୁଆଡ଼ ମନୋବୃତ୍ତି ଓ ସାଙ୍ଗଠନିକ ଶକ୍ତିର ବିକାଶ ଥିଲା ଉଭୟଙ୍କର ଅଭିମୁଖ୍ୟ। ତେବେ ଏବେ କେଜାଣି କାହିଁକି ନିଜର ସାଙ୍ଗଠନିକ ଶକ୍ତିର ଦୁର୍ବଳତାକୁ ଲୁଚାଇବାକୁ ହେଉ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ହେଉ କିଛି ଲୋକ ରାଜନୀତିରେ ଏବଂ ଖେଳରେ ସଙ୍ଗଠନକୁ ଏକ ରକମ ଏକଚାଟିଆ ବ୍ୟକ୍ତିଗତ ନିୟନ୍ତ୍ରଣରେ ରଖିବାପାଇଁ ଚେଷ୍ଟା କରୁଛନ୍ତି। ଏହା ଏତେ ପରିମାଣରେ ଅସ୍ଥିମଜ୍ଜାଗତ ହୋଇ ଏକ ବିଧିବଦ୍ଧ ବ୍ୟବସ୍ଥା ରୂପ ନେଲାଣି ଯେ, ସାଧାରଣ ଲୋକ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଦୂରେ ଥାଉ ବରଂ ଦାରୁଣ ଅସହାୟ ବୋଧ ଭିତରେ ଏହାକୁ ସ୍ୱାଭାବିକତା ବୋଲି ଗ୍ରହଣ କରିନେଉଛନ୍ତି।

ଯଦୁବାବୁ ଏବଂ ବସନ୍ତବାବୁ ଆସନ୍ତାକାଲି ଯେଉଁ ନିର୍ବାଚନ ଲଢୁଛନ୍ତି ତାହା ଏହି ଅସହାୟବୋଧକୁ ଆହୁରି ଉଜ୍ଜ୍ୱଳଭାବେ ପରିସ୍ଫୁଟ କରୁଛି। ଜଣେ କ୍ରୀଡାମନ୍ତ୍ରୀ ତ ଆଉ ଜଣେ ପୂର୍ବତନ କ୍ରୀଡାମନ୍ତ୍ରୀ। ଜଣେ କଂଗ୍ରେସ ଦଳର ବରିଷ୍ଠ ନେତା ତ ଆଉ ଜଣେ ସେହି ଦଳର ଗତକାଲିର କୋଷାଧ୍ୟକ୍ଷ। ଜଣେ ସନ୍ତୁଷ୍ଟ ତ ଆଉ ଜଣେ ଅସନ୍ତୁଷ୍ଟ। କାହାକୁ ବାଛିବ ,କିଏ ବାଛିବ ଓ କାହିଁକି ବାଛିବ ? ଏଭଳି ଅନେକ କିଛି ମୂଳପ୍ରଶ୍ନ ଯାହାକି ଖେଳୁଆଡ଼ର ପ୍ରଶ୍ନ ତାହା ଏବେ ମଧ୍ୟ ଅନୁତ୍ତରିତ। ବସନ୍ତବାବୁ କ୍ରୀଡାମନ୍ତ୍ରୀ ଥିଲେ, କ୍ରିକେଟ ଆସୋସିଏସନ୍‌ର ସଭାପତି ଥିଲେ ଏବଂ ଅଲିମ୍ପିକ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଥିଲେ। ତେଣୁ ସେ ନିର୍ବାଚିତ ହେବା ଉଚିତ। କିନ୍ତୁ ପ୍ରଶ୍ନଟି ହେଲା ସେ ଯାହାକିଛି ଅତୀତରେ ହୋଇଥିଲେ, କାହାକୁ ନେଇ ହୋଇଥିଲେ ଓ କେଉଁଥି ପାଇଁ ହୋଇଥିଲେ ? କଂଗ୍ରେସ ସରକାରର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଭାବରେ, କ୍ରୀଡାବିଭାଗର ଅଧିକାରୀ ଭାବରେ, ଦଳର କୋଷାଧ୍ୟକ୍ଷ ଭାବରେ, ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ଏକାନ୍ତ ଅନୁଗତ ସହଯୋଗୀ ଭାବରେ ବା ମହତାବବାବୁଙ୍କ ଶେଷ ଜୀବନର ସହଯୋଗୀ ଭାବରେ – ସେ ପ୍ରଶ୍ନଗୁଡ଼ିକ ଆମ ବିଚାରରେ ଆଦୌ ଜଟିଳ ନୁହେଁ। ଯଦୁବାବୁ ଏବର କ୍ରୀଡାମନ୍ତ୍ରୀ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ କ୍ରୀଡାକୁ ଅଗ୍ରାଧିକାର ଦେଇ କ୍ରୀଡା କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରି ଆଗାମୀ ଦିନଗୁଡ଼ିକ ପାଇଁ ଯୁବକମାନଙ୍କ ମନରେ ଏକ ସୁସ୍ଥ ଆତ୍ମବିଶ୍ୱାସର ପରମ୍ପରା ସୃଷ୍ଟି ପାଇଁ ଯେଉଁ ଉଦ୍ୟମ ହେଉଛି ସେଥିପାଇଁ କ୍ରୀଡାମନ୍ତ୍ରୀଙ୍କୁ ସଭାପତି କରାଗଲେ ଓଡ଼ିଶାରେ ସମ୍ବଳର ସୁବିନିଯୋଗ ହେବା ସଙ୍ଗେ ସଙ୍ଗେ ନୂତନ ପରମ୍ପରା ସୁପ୍ରତିଷ୍ଠିତ ହେବ।

ତେବେ କିଏ ବାଛିବ ଏବଂ କାହିଁକି ବାଛିବ ? 'କିଏ ବାଛିବ' ପ୍ରଶ୍ନର ଅବକାଶ ଆଉ ନାହିଁ। ସେ ବ୍ୟବସ୍ଥାର ନିର୍ଦ୍ଧାରଣ ଆନୁଷ୍ଠାନିକ ଭାବେ ହୋଇଯାଇଛି ଯଦିଓ ସେ କ୍ଷେତ୍ରରେ ସଂସ୍କାରର ଆବଶ୍ୟକତା ଏବେ ବି ରହିଛି। ତେଣୁ ଯେଉଁମାନେ ବାଛିବେ ସେମାନଙ୍କୁ କେବଳ ଏତିକି ଅନୁରୋଧ ଯେ ସେମାନେ ମୌଳିକ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ। ଖେଳ ଓ ରାଜନୀତିର ସମ୍ପର୍କ ରହୁ କିନ୍ତୁ ଖେଳ ସଙ୍ଗଠନ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ବ୍ୟବହୃତ ନ ହେଉ। ତା ନ ହେଲେ ଏମାନଙ୍କ ମଧ୍ୟରୁ ଯିଏ ଜିତନ୍ତୁ ନା କାହିଁକି ଅସହାୟ ଓଡ଼ିଆ 'ଖେଳୁଆଡ଼' କିନ୍ତୁ ଚିରଦିନ ପାଇଁ ହାରିଯିବ।